ମୁରଲିଧର ଜଲାନ (ଯେହେତୁ ମୃତ)
ତାଙ୍କ ଉତ୍ତରାଧିକାରୀଙ୍କ ମାଧ୍ୟମରେ
ବନାମ
ମେଘାଳୟ ରାଜ୍ୟ ଏବଂ ଅନ୍ୟମାନେ

7 ମେ, 1997

[କେ.ରାମସ୍ୱାମୀ, ଏସ୍. ସାଘିର ଅହମଦ ଏବଂ ଜି.ବି.ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ପଟ୍ଟା:*

*ସରକାରୀ ଜମିର ପଟ୍ଟା – ପଟ୍ଟାଦାରଙ୍କ ପଟ୍ଟା ଶେଷ ହେବା ପରେ ମଧ୍ୟ ଦଖଲରେ ରହିଛନ୍ତି - ସରକାରୀ ଅଧିକାରୀଙ୍କ ଦ୍ୱାରା ଭଡା ଗ୍ରହଣ କରାଯାଇଛି – ସ୍ୱତ୍ୱ ଘୋଷଣା ପାଇଁ ମକଦ୍ଦମା – ଦର୍ଶାଯାଇଛି, ନବୀକରଣ ସମ୍ପନ୍ନ କରା ନହୋଇଥିବା ଯୋଗୁଁ ପୂର୍ବ ପଟ୍ଟା ଶେଷ ହୋଇଗଲା ଏବଂ ରୟତ ଏବଂ ଘରମାଲିକଙ୍କ ସମ୍ପର୍କ ସମାପ୍ତ ହୋଇଗଲା - ଜମି-ଧାରକ ଭାବରେ ସ୍ୱତ୍ୱ ଘୋଷଣା ମଞ୍ଜୁର କରାଯାଇପାରିବ ନାହିଁ ।*

*ବିଶନ ଦାସ ଏବଂ ଅନ୍ୟମାନେ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ* **AIR (1991) SC 1570 ; ଉଦ୍ଧୃତ କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା- 3690/1997 ।

ଏଫ୍.ଏ. ସଂଖ୍ୟା- 58/1990ରେ ଗୌହାଟି ଉଚ୍ଚ ନ୍ୟାୟାଳୟଙ୍କର ତା20.12.96ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ପି.କେ.ଗୋସ୍ୱାମୀ, କୈଲାଶ ୱାସଦେବ ଏବଂ ସି.କେ.ସାସୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ଦିଆଗଲା ।

ଏହି ବିଶେଷ ଅନୁମତି ଆବେଦନ ଗୌହାଟି ଉଚ୍ଚ ନ୍ୟାୟାଳୟର ଖଣ୍ଡ ପୀଠରେ ରାୟ ବିରୁଦ୍ଧରେ ଦାଖଲ କରାଯାଇଛି, ଯାହା ଡିସେମ୍ବର 20, 1996 ରେ ପ୍ରଥମ ଅପିଲ ସଂଖ୍ୟା- 58/90 ରେ ଦିଆଯାଇଥିଲା ।

ଅପିଲକାରୀ ସମ୍ପତ୍ତିର ଜମି-ଧାରକ ଭାବରେ ତାଙ୍କର ସ୍ୱତ୍ୱ ଘୋଷଣା କରିବା ପାଇଁ ସ୍ଥାୟୀ ନିଷିଦ୍ଧାଦେଶ ପାଇଁ ଏକ ଦେୱାନୀ ମକଦ୍ଦମା ଦାଖଲ କରିଥିଲେ । ବିଚାର କରିଥିବା ନ୍ୟାୟାଳୟ ଡିକ୍ରିକୁ ମଞ୍ଜୁର କରିଥିଲେ । କିନ୍ତୁ, ଅପିଲରେ, ଉଚ୍ଚ ନ୍ୟାୟାଳୟ 20 ଡିସେମ୍ବର, 1996 ର ପ୍ରଥମ ଅପିଲ ସଂଖ୍ୟା- 58/90 ରେ ଏହାକୁ ଓଲଟାଇ ଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡ ପୀଠ ଅପିଲରେ ସେହି ନିର୍ଦ୍ଦେଶକୁ ନିଶ୍ଚିତ କରିଥିଲେ । ପ୍ରଶ୍ନ ହେଉଛି: ଅପିଲକାରୀ ସମ୍ପତ୍ତି ସମ୍ପର୍କରେ ତାଙ୍କର ସ୍ୱତ୍ୱ ଘୋଷଣା ପାଇଁ ହକଦାର କି । ଅପିଲକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ଗୋସ୍ୱାମୀ, ଯୁକ୍ତି ବାଢିଛନ୍ତି ଯେ, ପ୍ରାରମ୍ଭରେ ଅପିଲକାରୀ 99 ବର୍ଷ ପାଇଁ ସ୍ଥାୟୀ ପଟ୍ଟା

ଆଧାରରେ ଜଣେ ରୟତ ଭାବରେ ସମ୍ପତ୍ତିର ଦଖଲକୁ ଆସିଥିଲେ; 1965 ରେ ପ୍ରାରମ୍ଭିକ ପଟ୍ଟା ଅବଧି ସମାପ୍ତ ହେବା ପରେ ଯଦିଓ ସରକାର ପଟ୍ଟା ନବୀକରଣ କରିନଥିଲେ, ତଥାପି, ସରକାର ଭଡା ଗ୍ରହଣ କରି ଏହାକୁ ପରୋକ୍ଷ ଭାବରେ ନବୀକରଣ କରିଥିଲେ । ଏହି ସମ୍ପତ୍ତିଟି ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ଥିଲା ଏବଂ ସରକାର ଅପିଲକାରୀଙ୍କ ସ୍ୱତ୍ତ୍ୱାଧିକାରକୁ ସ୍ୱୀକାର କରି ଏକ ରୟତ ଭାବରେ ସମ୍ପତ୍ତିର ଦଖଲରେ ରହି ଆସିଥିଲେ । ତେଣୁ, ଉଚ୍ଚ ନ୍ୟାୟାଳୟ ଅପିଲକାରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିବାରେ ଏବଂ ଅପିଲ ନ୍ୟାୟାଳୟର ଡିକ୍ରିକୁ ନିଶ୍ଚିତ କରିବାରେ ସ୍ପଷ୍ଟ ଭାବରେ ଭୁଲ କରିଥିଲେ । ଏହାର ସମର୍ଥନରେ, ସେ *ବିଶନ ଦାସ ଏବଂ ଅନ୍ୟମାନେ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ,* AIR (1991) SC 1570 ଉପରେ ଭରସା କରନ୍ତି । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଉନାହୁଁ । ଏହା ଏକ ସ୍ୱୀକାରଯୋଗ୍ୟ ସ୍ଥିତି ଯେ, ନବୀକରଣ ପ୍ରଦାନ କରାଯାଇ ନଥିଲା । ଏହାଦ୍ୱାରା, ପୂର୍ବ ପଟ୍ଟା ଶେଷ ହୋଇଗଲା ଏବଂ ରୟତ ଏବଂ ଘରମାଲିକ ଭାବରେ ସମ୍ପର୍କ ସମାପ୍ତ ହୋଇଗଲା । ସେ ସରକାରଙ୍କ ସ୍ୱତ୍ୱ ଗ୍ରହଣ କରିଲେ; ତେଣୁ ତା'ପରେ, ସେ ଜଣେ ଅନଧିକାର ପ୍ରବେଶକାରୀ ଭାବରେ ଦଖଲରେ ରହିଲେ । ଏହା ସତ୍ୟ ଯେ, ଜଣେ ନିମ୍ନ ସ୍ତରୀୟ ଅଧିକାରୀ ଭଡା ଗ୍ରହଣ କରିଥିଲେ; ଏବଂ ମାନ୍ୟତା ସ୍ପଷ୍ଟ ଭାବରେ ଏକ ଭୁଲ ଧାରଣା ଉପରେ ଦିଆଯାଇଥିଲା ଯେ, ଜମିଟି ଏକ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ଥିଲା; କିନ୍ତୁ ଏହା ଆଧାରରେ, ଏହା ବ୍ୟାଖ୍ୟା କରାଯାଇପାରିବ ନାହିଁ ଯେ, ସରକାରଙ୍କ ଆଚରଣ ଦ୍ୱାରା ଅପିଲକାରୀଙ୍କ ଅଧିକାର ନିଶ୍ଚିତ ହୋଇଥିଲା । ସେହିଅନୁସାରେ, ଜମିଦାର ଭାବରେ ସ୍ୱତ୍ୱ ଘୋଷଣା ପ୍ରଦାନ କରାଯାଇପାରିବ ନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟ, ପ୍ରତିକାର ପ୍ରଦାନ କରିବାକୁ ମନା କରି ଠିକ କରିଥିଲେ । ଏହା ଆଇନଗତ ପ୍ରକ୍ରିୟା ବିନା ଦଖଲ ନେବାର ମାମଲା ନୁହେଁ । ଦଖଲ କେବଳ ତଥ୍ୟର ଏକ ଦିଗ ପର୍ଯ୍ୟନ୍ତ ଜାରି ରହେ । ଏହା ବ୍ୟତୀତ - ଏପରି କୌଣସି ଦସ୍ତାବିଜ ପ୍ରମାଣ ନାହିଁ ଯାହା ଆଧାରରେ ଏହା ନିଷ୍କର୍ଷିତ ହୋଇପାରିବ ଯେ, ସରକାରଙ୍କ ପକ୍ଷରୁ ଭୁଲ କାର୍ଯ୍ୟ ଦ୍ୱାରା ଭଡା ଗ୍ରହଣ କିମ୍ବା ସମ୍ପତ୍ତିର ଅଧିଗ୍ରହଣ ଦ୍ୱାରା ସରକାରଙ୍କ ସ୍ୱତ୍ତ୍ୱ ସମାପ୍ତ ହୋଇଯାଇଛି ।

ଏହି ଅନୁସାରେ ଅପିଲଟି ଖାରଜ କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**